# ରାଶନକାର୍ଡ ନାହିଁ, ମିଳୁନି ଆବାସ

## ଦାରିଦ୍ର୍ୟ କଷାଘାତରେ ସ୍ୱର୍ଣ୍ଣଲତାଙ୍କ ପରିବାର

**ଧୁଷୁରୀ, ୨।୩ (ଦୀପ୍ତିରଞ୍ଜନ ନାୟକ)**

ସୁଖରେ ସଂସାର ଚାଲିଥିବା ବେଳେ ଦୁଇବର୍ଷ ତଳେ ସ୍ୱାମୀ ଚାଲିଗଲେ। ଆର୍ଥିକ ସମ୍ବଳ କିଛି ନ ଥିବାବେଳେ ସ୍ୱାମୀଙ୍କ ଦେହାନ୍ତ ପରଠୁ ସଂସାର ବୋଝ ତାଙ୍କ ଉପରେ। ଦାରିଦ୍ର୍ୟ କଷାଘାତରେ ତାଙ୍କ ଦୁଇପିଲାଙ୍କୁ ନେଇ ଦୁଃଖରେ ଦିନ କାଟୁଛନ୍ତି ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ତଳଦୁମୁକା ଗାଁର ସ୍ୱର୍ଣ୍ଣଲତା ଖିଲାର(୨୬)। ସରକାରୀ ଯୋଜନାରେ ଆବାସ ଖଣ୍ଡେ ତାଙ୍କୁ ମିଳିପାରି ନାହିଁ। ବଖରାଏ ଚାଳଘର ସାହାରା। ସେହିପରି ଦୁଇଓଳି ଦୁଇମୁଠା ଖାଇବା ପାଇଁ ରାଶନକାର୍ଡରୁ ତାଙ୍କ ପରିବାର ବଞ୍ଚିତ।

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଧରମପୁର ଗାଁର ସ୍ୱର୍ଣ୍ଣଲତାଙ୍କର ୧୯ବର୍ଷ ବୟସରେ ତଳଦୁମୁକା ଗାଁର ସୁରେନ୍ଦ୍ର କୁମାର ଖିଲାରଙ୍କ ସହ ବାହାଘର ହୋଇଥିଲା। ସେମାନଙ୍କର ୨ ପୁଅ ଶୁଭମ(୭) ଓ ଶ୍ରୀତମ(୪)। ସୁଖରେ ସଂସାର ଚାଲିଥିବା ବେଳେ ୨୦୨୩ ଅକ୍ଟୋବର ୧୦ରେ ସୁରେନ୍ଦ୍ରଙ୍କ ଦେହାନ୍ତ ହୋଇଥିଲା। ପର ଘରେ କାମକରି ସେ ଘର ଚଳାଉଥିଲେ। ତାଙ୍କ ମୃତ୍ୟୁ ପରେ ସ୍ୱର୍ଣ୍ଣଲତା ବହୁ କଷ୍ଟରେ ଦୁଇପିଲାଙ୍କୁ ଧରି ଜୀବନ ବିତାଉଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ୧୫ ମାସ ପରେ ଗତ ଜାନୁଆରୀରେ ତାଙ୍କୁ ବିଧବା ଭତ୍ତା ଯୋଗାଇ ଦିଆଯାଇଛି। ସ୍ୱାମୀଙ୍କ ମୃତ୍ୟୁକାଳୀନ ସହାୟତା ରାଶି ୨୦ହଜାର ତାଙ୍କୁ ଏଯାଏ ମିଳିନାହିଁ। ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପିଲାଙ୍କ ମୁହଁରେ ଦାନା ଦେବାକୁ ଓ ପିନ୍ଧିବା ପାଇଁ ପୋଷାକ ଦେବାକୁ ସେ ଅକ୍ଷମ ଥିବାବେଳେ ସେମାନେ କିପରି ପାଠ ପଢ଼ି ମଣିଷ ହେବେ, ସେହି ଚିନ୍ତା ତାଙ୍କୁ ଘାରିଛି। ବାପଘର ଲୋକ ଓ ଶ୍ୱଶୁର ଘର ଗାଁ ଲୋକଙ୍କ ହାତ ଟେକାରେ ତାଙ୍କ ସଂସାର ଚାଲିଛି। ଏଭଳି ଅସହାୟ ମହିଳାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ପଞ୍ଚାୟତ ଏଡିଇଓ ତାପସ କୁମାର ପଣ୍ଡା ସ୍ୱର୍ଣ୍ଣଲତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସେ ଭଦ୍ରକ ଜିଲାପାଳଙ୍କୁ ନିବେଦନ କରିଛନ୍ତି।


ଦୁଇ ପୁଅଙ୍କ ସହ ସ୍ୱର୍ଣ୍ଣଲତା ଖିଲାର।

## ‘ହୃଦାନନ୍ଦ ଥିଲେ ସାଲିସବିହୀନ ସମ୍ରାଟ’

**ଧୁଷୁରୀ, ୨।୩(ଦୀପ୍ତିରଞ୍ଜନ ନାୟକ)**

ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ସନ୍ଧ୍ୟାରେ ଧୁଷୁରୀ ବଜାରସ୍ଥିତ ହୃଦାନନ୍ଦ ପାଠାଗାର କକ୍ଷରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ୟୁନିୟନ କୋଷାଧକ୍ଷ ରତିକାନ୍ତ ନାୟକ, ବରିଷ୍ଠ ସଭ୍ୟ ସିଦ୍ଧାର୍ଥ ଶଙ୍କର ମିଶ୍ର, ସାମାଜିକ କର୍ମୀ ପ୍ରଫୁଲ୍ଲ ମହାଳିକ, ସଞ୍ଜୀବ ରଣା, ଅମିତ ମିଶ୍ର, ଖଗେଶ୍ୱର ପାଗଳ, ଉମେଶ ତ୍ରିପାଠୀ, ଅଜୟ ମଲ୍ଲିକ, ସନ୍ତୋଷ ରାୟ, ଭୂପେନ୍ଦ୍ର ନାୟକ, ଅନନ୍ତ ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ହୃଦାନନ୍ଦ ଅବିଭକ୍ତ ବାଲେଶ୍ୱର ଜିଲାର ଜଣେ ଦରଦୀ ମଣିଷ ଥିଲେ। ସେ ସାଲିସବିହୀନ ସମ୍ରାଟ ଥିଲେ ବୋଲି ବକ୍ତାମାନେ କହିଥିଲେ। ପରିଶେଷରେ ପ୍ରେସ୍ ୟୁନିୟନର କର୍ମକର୍ତ୍ତାମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ଉପଯୁକ୍ତ ତଦନ୍ତ ହେଉ ନ ଥିବା ଅଭିଯୋଗ

## ଶାଶୁବୋହୂଙ୍କୁ ଆକ୍ରମଣ ଘଟଣା

**ଭଣ୍ଡାରିପୋଖରୀ, ୨।୩ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଦେଓପଦା(ମେଘା) ଗ୍ରାମରେ ଶାଶୁବୋହୂଙ୍କୁ ଆକ୍ରମଣ ଘଟଣାରେ ଉପଯୁକ୍ତ ତଦନ୍ତ ହେଉନାହିଁ ବୋଲି ଅଭିଯୋଗକାରୀ ସନ୍ତୋଷ କୁମାର ସାହୁ ରବିବାର ପୂର୍ବାହ୍ନ ୧୦ଟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ତରବରିଆ ଭାବେ ପୋଲିସ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରି ଛୁରି ଜବତ କରିବା ସହ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଘଟଣା ଦିନ ପୋଲିସ ସନ୍ଦେହରେ ଅଟକ ରଖିଥିବା ଅନ୍ୟ ୩ ଜଣଙ୍କୁ ଛାଡ଼ି ଦେଇଛି। ସେମାନଙ୍କୁ ୫ଦିନ ଅଟକ ରଖିଥିଲେ ବି ଘଟଣା ପଛର ବାସ୍ତବ କାରଣ ଉନ୍ମୋଚନ କରିବାକୁ ପୋଲିସ ସମର୍ଥ ହୋଇପାରି ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କ ୨ ସହଯୋଗୀଙ୍କୁ ଚିହ୍ନଟ କରିବାରେ ପୋଲିସ ବିଫଳ ହୋଇଛି। ଅନ୍ୟ ୨ଜଣ ସମ୍ଭାବ୍ୟ ଅଭିଯୁକ୍ତଙ୍କ ଆଡୁ ପରିବାର ଉପରେ ଆକ୍ରମଣ ଆଶଙ୍କା ରହିଥିବା ଦର୍ଶାଇ ସନ୍ତୋଷ ସୁରକ୍ଷା ଲୋଡ଼ିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ଘଟଣା ଉପରୁ ଲୋକଙ୍କ ଦୃଷ୍ଟି ହଟାଇ ତଦନ୍ତ ଅଟକିଯିବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଏନେଇ ଉପଯୁକ୍ତ ପଦକ୍ଷେପ ନିଆଯାଉଛି ବୋଲି ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ‘ଭାଜପା ପ୍ରତି ଉତ୍ସର୍ଗୀକୃତ ଥିଲେ ଦୁର୍ଗାଚରଣ’


ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ତିହିଡ଼ି, ୨।୩ (ସଞ୍ଜିତ ବଳ)**

ଭାଜପା ପ୍ରତି ଉତ୍ସର୍ଗୀକୃତ ଥିଲେ ଦିବଂଗତ ବରିଷ୍ଠ ନେତା ଦୁର୍ଗାଚରଣ ନାୟକ। ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସେ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିଲେ ବୋଲି ତାଙ୍କ ଏକାଦଶାହ ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ତିହିଡ଼ି ବ୍ଲକର କୋହ୍ଲସ୍ଥିତ ତାଙ୍କ ବସଭବନରେ ସାହିତ୍ୟିକ ଯଦୁମଣି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲ୍ଲିକ, ଅଜୟ ନାୟକ, ରଘୁନାଥ ପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ ସ୍ମୃତିରେ ପୁସ୍ତକ ‘ଦୁର୍ଗା ସ୍ତବକ’ ଉନ୍ମୋଚନ ହୋଇଥିଲା। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଭାଜପା ମଣ୍ଡଳ ସଭାପତି କେଶବ ବେହେରା, ସାଇଶରଣ ବେହେରା, ସରୋଜ ନାୟକ, ସୀତାକାନ୍ତ ନାୟକ, ସରପଞ୍ଚ ପ୍ରଦୀପ ବଳ, ଶୁଭ୍ରନାରାୟଣ ସେଠୀ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଭଦ୍ରକ କଲେଜରେ ଜାତୀୟ ବିଜ୍ଞାନ ଦିବସ

**ଭଦ୍ରକ, ୨।୩(ସନାତନ ରାଉତ)**

ଭଦ୍ରକ କଲେଜରେ ଭୁବନେଶ୍ୱର ଜୀବ ବିଜ୍ଞାନ ସଂସ୍ଥାର ସହାୟତା ଓ କଲେଜର ବିଜ୍ଞାନ ସମାଜ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲେଶ୍ୱର ଏଫ୍‌ଏମ୍ କଲେଜର ପୂର୍ବତନ ଅଧକ୍ଷ ଡ. ଦେବେନ୍ଦ୍ର ନାଥ ରାଉତ, ବିଶେଷ ଅତିଥି କଲେଜର ଇଣ୍ଟରନ୍ୟାଶନାଲ କ୍ୱାଲିଟି ଆସେସ୍‌ମେଣ୍ଟ ସେଲ୍‌ର ସଂଯୋଜକ ଡ. ଦିନେଶ କୁମାର ଦାସ, ଭୁବନେଶ୍ୱର ଜୀବ ବିଜ୍ଞାନ ସଂସ୍ଥାର ବୈଜ୍ଞାନିକ ଡ. ସୀମା ପ୍ରଧାନ, ଡ. ସୌବ୍ରତ ମଜୁମଦାର ଓ ବିଜ୍ଞାନ ସମାଜର ଉପମୁଖ୍ୟ ଅନନ୍ତ କିଶୋର ସାହୁ ଯୋଗଦେଇ ଜୀବ ବିଜ୍ଞାନ ସଂସ୍ଥାର କାର୍ଯ୍ୟକାରିତା ବିଷୟରେ କହିଥିଲେ। ପ୍ରାଧ୍ୟାପକ ଡ. ସୁବୋଧ ଚନ୍ଦ୍ର ମିଶ୍ର, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ଅଜିତ ଦାସ, ଡ. ପଦ୍ମନାଭ ମହାନ୍ତି, ଡ. ସର୍ବେଶ୍ୱର ନାୟକ, ଜୟଶ୍ରୀ ମୁଣ୍ଡା, ଡ. ସନ୍ତୋଷ ସେଠୀ, ଡ. ସ୍ୱପ୍ନା ସୋନାଲିକା ଜେନା, କବିରନ୍ ବେହେରା, ତପନ କୁମାର ଦାସ, ଡ. ମନୋରଞ୍ଜନ ସେଠୀ, ଡ. ସ୍ୱପ୍ନା ସରିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ବିଜ୍ଞାନ ଦିବସ ପାଇଁ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆନ୍ତର୍ଜାତିକ ଘୂର୍ଣ୍ଣନ ଚୌକି ଦିବସ



ଘୂର୍ଣ୍ଣନ ଚୌକି ଶୋଭାଯାତ୍ରା।

**ଭଦ୍ରକ, ୨।୩(ସନାତନ ରାଉତ)**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ଘୂର୍ଣ୍ଣନ ଚୌକି ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପୁନଃର୍ବାସ ସେବା ଓ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ୧୬୫୫ରେ ଜଣେ ଦିବ୍ୟାଙ୍ଗ ନିଜର ଅକର୍ମଣ୍ୟ ଓ ଅସହାୟତାର ଭାବନାରୁ ବାହାରି ଘୂର୍ଣ୍ଣନ ଚୌକିର ଉଦ୍ଭାବନରେ ସଫଳତା ଅର୍ଜନ କରିଥିଲେ। ପ୍ରଯୁକ୍ତିବିଦ୍ୟା, ଯାନ୍ତ୍ରିକ ଜ୍ଞାନକୌଶଳ ବଳରେ ସେଦିନର ହ୍ୱିଲଚେୟାରର ଅନେକ ପରିବର୍ତ୍ତନ ଓ ରୂପାନ୍ତର ହୋଇ ଆଜି ଏକ ସହଜ ସରଳ ଭାବେ ବ୍ୟବହାର ଉପଯୋଗୀ ହୋଇପାରିଛି। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ଚୌକିର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁନଃର୍ବାସ ସେବା କେନ୍ଦ୍ରର ନିର୍ଦ୍ଦେଶକ ଡା. ଭଗବାନ ପରିଡ଼ା ଘୂର୍ଣ୍ଣନ ଚୌକିର ନିର୍ମାଣ କୌଶଳ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହି ଅବସରରେ ଉକ୍ତ କେନ୍ଦ୍ରର ଅନ୍ତେବାସୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଘୂର୍ଣ୍ଣନ ଚୌକି ବ୍ୟବହାର କରୁଥିବା ଅନ୍ତେବାସୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଲାୟନ୍ସ କ୍ଲବ୍ ଡିଭାଇନ୍‌ର ସଭାପତି ପଦ୍ମନ ରାୟ, ସାଇସ୍ୱରୂପା ଅନୁଷ୍ଠାନର ସମ୍ପାଦକ ଡ. ଶରତ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଦକ୍ଷିଣକାଳୀ ମନ୍ଦିରର ବାର୍ଷିକୋତ୍ସବ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୁନି ନୃତ୍ୟଶିଳ୍ପୀ।

**ଭଦ୍ରକ, ୨।୩ (ରବିନାରାୟଣ ଖିଲାର)**

ଭଦ୍ରକର ମଠସାହିସ୍ଥିତ ମା’ ଆଦ୍ୟାଶକ୍ତି ଦକ୍ଷିଣକାଳୀଙ୍କ ମନ୍ଦିରର ବାର୍ଷିକୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ହେବାକୁ ଥିବା ଏହି ଉତ୍ସବକୁ ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ଭୈରବ, ଇଂ. ଅଭୟ ସୂତାର, ମନ୍ଦିରର ପ୍ରତିଷ୍ଠାତା ସତ୍ୟନାରାୟଣ ଦାସ, ପଣ୍ଡିତ ଦୈତାରୀ ମହାପାତ୍ର, ବାବା ଆଖଣ୍ଡଳମଣି କଲେଜ ଅଧକ୍ଷ ନୀହାର ରଞ୍ଜନ କର, ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପିଲାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଭଦ୍ରକ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଏହି ମାଟିର ପିଲାମାନଙ୍କ ନୃତ୍ୟ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ପୁସ୍ତକ ‘ଜ୍ୟୋତିରୂପା’ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆଇନଜୀବୀ ସୁରଜିତ ପାଲ, ଯୁବନେତା ସୂର୍ଯ୍ୟ କୁମାର ଦାସ, ସାମାଜିକ କର୍ମୀ ବସନ୍ତ ପଣ୍ଡା, ସଞ୍ଜୀବ ନାୟକ, ଅକ୍ଷୟ ନାୟକ, ନାରୀନେତ୍ରୀ କଳ୍ପନା ଜେନା, ଅଞ୍ଜନା ମିଶ୍ର, ଜାନକୀ ପାଢ଼ୀ, ମନୋରମା ରାୟ, ଚୈତାଳି ଖିଲାର, ନୃତ୍ୟଗୁରୁ ଶ୍ୱେତପଦ୍ମା ଦାସ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ମନ୍ତେଇ ନଦୀରେ କୁମ୍ଭୀର


ବାଲିଆପାଳ ଘାଟରେ ଭାସୁଥିବା କୁମ୍ଭୀର।

**ସାବରଙ୍ଗ, ୨।୩ (କାଳିପଦ ରାୟ)**

ବାସୁଦେବପୁର ବ୍ଲକରେ ପ୍ରବାହିତ ମନ୍ତେଇ ନଦୀରେ ଏକ କୁମ୍ଭୀର ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଶନିବାର ଅପରାହ୍ନରେ ପ୍ରାୟ ୧୫ ଫୁଟ୍ ଲମ୍ବର ଏକ କୁମ୍ଭୀର ନଦୀର ବାଲିଆପାଳ ଘାଟରେ ଭାସୁଥିବା ଡଙ୍ଗାରେ ନଦୀ ପାର୍ ହେଉଥିବା ବେଳେ ଲୋକେ ଦେଖିଥିଲେ। ଡଙ୍ଗାରେ ବସିଥିବା ଯାତ୍ରୀମାନେ କୁମ୍ଭୀରକୁ ଦେଖି ଭୟଭୀତ ହେବା ସହ ପାଟି କରିଥିଲେ। କିଛି ସମୟ ପରେ କୁମ୍ଭୀର ନଦୀରେ ଧାମରା ଆଡ଼କୁ ଚାଲି ଯାଇଥିଲା। ତେବେ କାହାରି କୌଣସି କ୍ଷତି ହୋଇ ନ ଥିବାବେଳେ ଲୋକଙ୍କ ମଧ୍ୟରେ କୁମ୍ଭୀରକୁ ନେଇ ଭୟ ସୃଷ୍ଟି ହୋଇଛି। ଉଭୟ ପାର୍ଶ୍ୱରେ ଜନବସତି ଥିବାବେଳେ ନଦୀକୁ ଯିବା ପାଇଁ ଲୋକେ ଭୟ କରିବା ସହ ଗୃହପାଳିତ ପ୍ରାଣୀଙ୍କୁ ନଦୀ କୂଳକୁ ଛାଡ଼ିବାକୁ ସୁରକ୍ଷିତ ମଣୁନାହାନ୍ତି। ବନ୍ୟପ୍ରାଣୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କୁମ୍ଭୀରକୁ ମନ୍ତେଇ ନଦୀରୁ ଧରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରାଯାଇଛି।

## କ୍ୟାମ୍ପ୍‌ରେ ଟଳିପଡ଼ିଲେ ବିଦ୍ୟୁତ୍ କର୍ମଚାରୀ

**ସାବରଙ୍ଗ, ୨।୩ (କାଳିପଦ ରାୟ)**

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମରେ ରବିବାର ଏକ କ୍ୟାମ୍ପ୍‌ରେ ଟଳି ପଡ଼ିଲେ ବିଦ୍ୟୁତ୍ କର୍ମଚାରୀ। ମୃତକ ହେଲେ ଗ୍ରାମର ବିଦ୍ୟୁତ୍ କର୍ମଚାରୀ କ୍ଷୀରସିନ୍ଧୁ ମହାକୁଡ଼(୪୨)। ସୂଚନା ଅନୁଯାୟୀ, ସେ ପୂର୍ବାହ୍ନ ୧୦ଟାରେ ବିଦ୍ୟୁତ୍ କାମ କରିବା ପାଇଁ ସରଞ୍ଜାମ ସହ ଦଧିବାମନପୁର କ୍ୟାମ୍ପକୁ ଯାଇଥିଲେ। କୌଣସି କାରଣରୁ ସେଠାରେ ଟଳି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଥିବା ବେଳେ ନାୟକାଣିଡିହି ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଫାଇନାଲରେ ବାଲେଶ୍ୱରକୁ ହରାଇଲା ଭଦ୍ରକ

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଭଣ୍ଡାରିପୋଖରୀ, ୨।୩ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଦର୍ଶ କ୍ରିକେଟ କ୍ଲବ୍ ବାଲେଶ୍ୱରକୁ ହରାଇ ଭଦ୍ରକ ୟୁନିକ୍ ଇଲେଭେନ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିଲା ଭଦ୍ରକ ୟୁନିକ୍ ଇଲେଭେନ। ନିର୍ଦ୍ଧାରିତ ୨୦ ଓଭରରେ ଅବିନାଶ ସିଂଙ୍କ ୮୦ ରନ୍ ଓ ଅମିତ ସାହୁଙ୍କ ୪୬ ରନ୍ ସହାୟତାରେ ୯ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ବାଲେଶ୍ୱର ଆଦର୍ଶ କ୍ଲବ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅବିନାଶ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାମଚନ୍ଦ୍ର ଦାଶ ଓ ଦେବବ୍ରତ ଦାସ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ଓ ଜ୍ୟୋତିରଞ୍ଜନ ଦେ ସ୍କୋରର ଓ ପ୍ରଦୀପ ଜେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

ଉଦ୍‌ଯାପନୀ ସଭାରେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ସରପଞ୍ଚ ମିନତି ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସମାଜିକ କର୍ମୀ ବିକ୍ରମ ମହାପାତ୍ର, ଗିରିଶ ସାମଲ, ଶ୍ରୀକାନ୍ତ ପାଇକରାୟ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।


ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

## ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ

# କେସିଏ ଧାମନଗର ଚାମ୍ପିୟନ

**ଧାମନଗର, ୨।୩ (ଦେବେନ୍ଦ୍ର ଆଦିଆ)**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ସୋଧ ଧରମପଡ଼ିଆରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ସିସି ଦଶରଥପୁରକୁ ହରାଇ କେସିଏ ଧାମନଗର ଚାମ୍ପିୟନ ହୋଇଛି। କେସିଏ ଟସ୍ ଜିତି ଏନ୍‌ସିସିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏନ୍‌ସିସି ୨୦ ଓଭରରେ ୯ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟବ୍ରତ ବେହେରା ୨୫ ବଲ୍‌ରେ ୨ ଚୌକା ଓ ୪ ଛକା ସାହାଯ୍ୟରେ ୪୦ ରନ୍, ଚନ୍ଦନ ସାହୁ ୨୨ ବଲ୍‌ରେ ୭ଟି ଚୌକା ଓ ୧ ଛକା ସାହାଯ୍ୟରେ ୩୭ ରନ୍, ଶୁଭ୍ର ରଞ୍ଜନ ରାଉତ ୨୩ ବଲ୍‌ରେ ୨ଟି ଚୌକା ଓ ୩ଟି ଛକା ସାହାଯ୍ୟରେ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସଞ୍ଜୀବ ଚୌଧୁରୀ ୪ ଓଭରରେ ୨୧ ରନ୍ ଦେଇ ୩ ଉଇକେଟ, ଦିବ୍ୟଜ୍ୟୋତି ଦାସ ୩ ଓଭରରେ ୨୩ ରନ୍ ଦେଇ ୨ ଉଇକେଟ ଓ କ୍ଷମାସାଗର ବଳ ୪ ଓଭରରେ ୧୩ ରନ୍ ଦେଇ ୧ ଉଇକେଟ ନେଇଥିଲେ।

ଜବାବରେ କେସିଏ ୧୦ ଓଭରରେ ୩ ଉଇକେଟ ହରାଇ ୧୬୦ ରନ୍ କରି ଜିତିଥିଲା। ଦଳ ପକ୍ଷରୁ କ୍ଷମାସାଗର ୨୬ ବଲ୍‌ରେ ୩ ଚୌକା ଓ ୭ ଛକା ସାହାଯ୍ୟରେ ୭୩ ରନ୍, ସିଦ୍ଧାର୍ଥ ଜେନା ୧୩ ବଲ୍‌ରେ ୨ ଚୌକା ଓ ୩ ଛକା ସାହାଯ୍ୟରେ ୩୩ ରନ୍, ଶୁଭମ ସତ୍ପତି ୮ ବଲ୍‌ରେ ୨ ଚୌକା ଓ ୨ ଛକା ସାହାଯ୍ୟରେ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁବ୍ରତ ଘଡ଼େଇ, ଅଭିଜିତ ସାହୁ ଓ ରଶ୍ମିରଞ୍ଜନ ଓଝା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ପ୍ରାଣନାଥ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ରାଜେନ୍ଦ୍ର ମହାରଣା ଓ ପ୍ରଦୀପ ଆଦିଆ। ଜ୍ଞାନ ରଞ୍ଜନ ଘଡ଼େଇ ଓ ଭୋଳାନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସଞ୍ଜୀବ, ମ୍ୟାନ୍ ଅଫ୍ ଦି ସିରିଜ୍ ଓ ବେଷ୍ଟ ବୋଲର କ୍ଷମାସାଗର, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଶୁଭ୍ର ରଞ୍ଜନ ଏବଂ ବେଷ୍ଟ ଫିଲ୍ଡର ଭାବେ ଶୁଭମ ସତ୍ପତିଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ପ୍ରତାପ ମହାନ୍ତିଙ୍କ ସଞ୍ଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ୟଙ୍ଗଷ୍ଟାର କ୍ଲବ୍‌ର ସଭାପତି ରାଜେଶ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ସମ୍ପାଦକ ସଞ୍ଜୟ କୁମାର ମହାକୁଡ଼, ଅକ୍ଷୟ ମହାପାତ୍ର, ଦୁଷ୍ମନ୍ତ ସାହୁ ଓ ଭୋଳାନାଥ ସାହୁ ଯୋଗଦେଇ ଚାମ୍ପିୟନ, ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। କୃଷ୍ଣଚନ୍ଦ୍ର ପତି, ନିକୁଞ୍ଜ ନାୟକ ଓ କ୍ଲବ୍‌ର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥି ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## ଯୋଗଦେଲେ ନୂଆ ଆଇଆଇସି

ବାଲିଆପାଳ,ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ବାଲିଆପାଳ ଥାନାର ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଅବସର ପରେ ଶୁକ୍ରବାର ନୂଆ ଆଇଆଇସି ଭାବରେ ଗୋବିନ୍ଦ ଚନ୍ଦ୍ର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ବେହେରା ଦାୟିତ୍ୱ ଗ୍ରହଣ କରିବା ସମୟରେ ବାଲିଆପାଳ ଅଞ୍ଚଳର ଆଇନ ଶୃଙ୍ଖଳା ଓ ଜନ ସାଧାରଣଙ୍କୁ ନ୍ୟାୟ ପ୍ରତିପାଦନ ପ୍ରତି ଗୁରୁତର ସହକାରେ ଧ୍ୟାନ ଦେବେ ବୋଲି କହିଛନ୍ତି। ଏହା ପୂର୍ବରୁ ସେ ବସ୍ତା ଥାନା ଦାୟିତ୍ୱରେ ଥିଲେ।

ବାଲେଶ୍ୱର

## ଜଲସାରେ ୧୦ ହଜାର ଶ୍ରଦ୍ଧାଳୁ

ଭୋଗରାଇ,୨।୩(ପ୍ରଦୀପ ଦାସ)– ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମନ୍ଦାରସାହି ପାଟଣାସ୍ଥିତ ହଜରତ ଗାଜିୟେ ମିଲ୍ଲତ ରୁହାନିଆ ବାବାଙ୍କ ୪୭ତମ ବାର୍ଷିକ ଉତ୍ସବ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଯାପିତ ହୋଇଛି। ଜଲସାରେ ଓଡ଼ିଶାର ଯାଜପୁର, ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନ ଏବଂ ପଶ୍ଚିମବଙ୍ଗରୁ ୧୦ ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ।ରୁହାନୀ ବାବାଙ୍କ ମାଜର ପ୍ରାଙ୍ଗଣରେ ହଜରତ ଆଲ୍ଲାମା ମୌଲାନା ମୁଫିତ, ଆଜମ ଖଲିଫା, ମୌଲାନା ସୌଏଦ ମୌଲାନା ହାସିମୁଲ କାଦରୀ ଖତୀବ ପ୍ରମୁଖ ହିନ୍ଦୁ-ମୁସଲିମ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତି ଅଭିଭାଷଣ ପ୍ରଦାନ କରିଥିଲେ। ମୁସଲିମ ଓ ହିନ୍ଦୁମାନେ ଏହି ପୀର ବାବାଙ୍କଠାରେ ମାନସିକ କରିବା ସହିତ ବାବାଙ୍କୁ ଦର୍ଶନ କରିଥିଲେ। ସରପଞ୍ଚ ମମତା ସାହୁ, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ବିଲବଲ ଶାହା,ରସିଦ ମହମ୍ମଦ, ତରଫ ସାହା, ଏସ୍‌କେ ସରଜୁ, ରସିଦ ଖାଁ, ହାସନ ମହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମୁଦ୍ର କୂଳରେ ଜଗନ୍ନାଥଙ୍କ ଭଗ୍ନ ମୂର୍ତ୍ତି

## ଅସନ୍ତୋଷ ବ୍ୟକ୍ତ କଲେ ଜଗନ୍ନାଥପ୍ରେମୀ

ବାଲିଆପାଳ,୨।୩(ଗୋପାଳ ଚନ୍ଦ୍ର ସାହୁ)

ଦୀର୍ଘ ଦିନ ଧରି ଡଗରା ସମୁଦ୍ର ବେଳାଭୂମିରେ ଗଡୁଛି କୁଟା, ମାଟିରେ ତିଆରି ଜଗନ୍ନାଥଙ୍କ ଭଗ୍ନ ପ୍ରତିମୂର୍ତ୍ତି। ପଶୁ ପକ୍ଷୀଙ୍କ ପାଦରେ ଦଳିଚକଟି ହେଉଛି ଭାବଗ୍ରାହୀଙ୍କ ମୁଖମଣ୍ଡଳ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗତରନାଥ ଜଗନ୍ନାଥଙ୍କ ୩୨ ବେଶ କୁଟା ମାଟିରେ ତିଆରି କରାଯାଇ ଗାଁଗାଁରେ ମେଳା ମହୋତ୍ସବ ମାଧ୍ୟମରେ ପୂଜା କରାଯାଉଛି। ମାତ୍ର ପୂଜା ସରିବା ପରେ ସେହି ମୂର୍ତ୍ତିଗୁଡ଼ିକୁ ସମୁଦ୍ରରେ ବିସର୍ଜନ କରାଯାଉଛି। ସମୁଦ୍ର ଜଳରେ ମୂର୍ତ୍ତିଗୁଡ଼ିକ ଲୀନ ହେବା ପୂର୍ବରୁ ଜୁଆର ସେହି ମୂର୍ତ୍ତିଗୁଡ଼ିକୁ କୂଳକୁ ଫୋପାଡ଼ି ଦେଉଛି। ସେଥିପାଇଁ ଜଗନ୍ନାଥଙ୍କ ବିଭିନ୍ନ ବେଶରେ ପୂଜା ଓ ଦର୍ଶନ ପରେ କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସମୁଦ୍ର କୂଳରେ ପାତାଳି କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଜଗନ୍ନାଥପ୍ରେମୀ ନିବେଦନ କରିଛନ୍ତି।


ସମୁଦ୍ର କୂଳରେ ପଡ଼ିଥିବା ଜଗନ୍ନାଥଙ୍କ ଭଗ୍ନ ପ୍ରତିମୂର୍ତ୍ତି।

ପ୍ରକାଶଥାଉକି, ବାଲିଆପାଳ ବ୍ଲକ ଅଞ୍ଚଳର ଦୁଇଟି ସ୍ଥାନରେ ଗତ ଫେବୃଆରୀ ମାସରେ ଜଗନ୍ନାଥଙ୍କ ୩୨ ବେଶ କରାଯାଇ ୧୦ ଦିନିଆ ଉତ୍ସବ କରାଯାଇଥିଲା। ପ୍ରତିଦିନ ପୂଜାପାଠ ସହିତ ହଜାର ହଜାର ଭକ୍ତଙ୍କ ସମାଗମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାତ୍ର ଉତ୍ସବ ପରେ ଡଗରା ସମୁଦ୍ର ବେଳାଭୂମିରେ ଜଗନ୍ନାଥଙ୍କ ୩୨ ବେଶର ମୂର୍ତ୍ତିଗୁଡ଼ିକୁ ସମୁଦ୍ରରେ ବିସର୍ଜନ କରାଗଲା। କୁଟା, ମାଟିରେ ନିର୍ମିତ ମୂର୍ତ୍ତିଗୁଡ଼ିକ ସମୁଦ୍ରକୁ ଫିଙ୍ଗାଯିବା ପରେ ତାହା କୂଳକୁ ଫେରି ଆସିଛି। ସବୁ ଜଗନ୍ନାଥ ମୂର୍ତ୍ତିଗୁଡ଼ିକ ଅଧା ଭଙ୍ଗା ହୋଇ ସମୁଦ୍ର କୂଳରେ ଏଣେତେଣେ ବିକ୍ଷିପ୍ତ ହୋଇପଡ଼ିଛି। ଯାହାକି ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ଆଘାତ ଦେଉଥିବା ଅଭିଯୋଗ ହେଉଛି। ଅତୀତରେ ଜଗନ୍ନାଥଙ୍କୁ ନେଇ ଯେତେବେଳେ ଯେଉଁ ଭୁଲ୍ ଘଟଣା ଘଟିଛି ତାହାର ଦଣ୍ଡ ମିଳିଛି। ଏ କ୍ଷେତ୍ରରେ କାହିଁକି ପଦକ୍ଷେପ ନିଆ ନ ଯିବ ବୋଲି ଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି।

## ନନ୍ଦୁର ଶିବମୁନୀ ଯୋଗାଶ୍ରମର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଖଇରା,୨।୩
(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଶିବମୁନୀ ଯୋଗାଶ୍ରମର ୧୫ତମ ବାର୍ଷିକୋତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରହଲ୍ଲାଦ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଆଧ୍ୟାତ୍ମିକ ସଭାରେ ଯୋଗୀ ବିଶ୍ୱନାଥ ମୁନୀ, ମୁନିରାଜ ଗୌରାଙ୍ଗ, ସୁରେନ୍ଦ୍ର ମୁନୀ, ହୃଷିକେଶ ମୁନୀ ପ୍ରମୁଖ ପ୍ରବଚକଭାବେ ଯୋଗ ଦେଇଥିଲେ। ଯୋଗ,ସ୍ୱାସ୍ଥ୍ୟ ଓ ଆତ୍ମଜ୍ଞାନ ସ୍ୱତନ୍ତ୍ର ବିଚାର ଉପରେ ଆଧାରିତ ବୋଲି ପ୍ରବଚକମାନେ ପ୍ରକାଶ କରିଥିଲେ। ଦାମୋଦର ମୁନୀ ପତାକା ଉତ୍ତୋଳନ, ଗଦାଧର ମୁନୀ ଆବାହନୀ ସଂଗୀତ, ମୁନୀ ଗୌତମ, ମୁନିମତୀ ସାବିତ୍ରୀ ଓ ନୟନା ମୁନୀ ସଙ୍ଗୀତ ଗାନ କରିଥିଲେ। ଭରତ ଜେନା ଓ ରତିକାନ୍ତ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅମରିଆ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ଶିଳାନ୍ୟାସ

ଖଇରା,୨।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅମରିଆ-ଅଗ୍ନିପୁର ପଞ୍ଚାୟତର ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ଭିତ୍ତି ପ୍ରସ୍ତର ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଦ୍ୱାରା ସ୍ଥାପିତ ହୋଇଯାଇଛି। ଏହି ଅବସରରେ ରବିବାର ଅପରାହ୍ନରେ ଅମରିଆଠାରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଡବଲ ଇଞ୍ଜିନ ସରକାରରେ ବିକାଶ ଘରେ ଘରେ ପହଞ୍ଚିବ ବୋଲି କହିଥିଲେ। ସେହିଭଳି ଭାଜପା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମାଝୀ ଓ ବୁଲୁ ଲେଙ୍କା, ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ଅଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ମହାପାତ୍ର, ଠିକାଦାର ଉମାକାନ୍ତ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତଥିଭାବେ ଯୋଗ ଦେଇଥିଲେ। ରାଧାକାନ୍ତ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତରନିର୍ବାହୀ ଅଧିକାରିଣୀ ପ୍ରତ୍ୟେକ କାର୍ଯ୍ୟପାଇଁ ସାଧାରଣ ଲୋକଙ୍କ ପାଖରୁ ଉତ୍କୋଚ ନେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ସହ ତାଙ୍କ ବଦଳି ଦାବି କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକୁ ସ୍ଥାନୀୟ ସରପଞ୍ଚ ସସ୍ମିତା ଧିନ୍ଦା ଓ ସମିତିସଭ୍ୟା ସଂଯୁକ୍ତା ମହାପାତ୍ରଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇ ନ ଥିବା ନେଇ ଉଭୟ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ସରକାରୀ କାର୍ଯ୍ୟକ୍ରମରେ ଲୋକପ୍ରତିନିଧିଙ୍କୁ ଦୁରେଇ ରଖାଯିବା ଅଗଣତାନ୍ତ୍ରିକ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି।

## 'ଶ୍ରେଷ୍ଠ ଗବେଷକ ଭାବେ ପରିଚିତ ହେବେ ଛାତ୍ରୀଛାତ୍ର'



ଅତିଥିଙ୍କ ସହ ଶିବିରାର୍ଥୀମାନେ।

ବାଲେଶ୍ୱର,୨।୩(ବାଞ୍ଛାନିଧି ଦେ)

### ଏଫ୍‌ଏମ୍‌ୟୁରେ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ସରିଲା

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର ଏବଂ ବାୟୋ-ଉତ୍ସ ପରିଚାଳନା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ୧୫ଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଏକ ସହଯୋଗାତ୍ମକ ଆଭିମୁଖ୍ୟ ନେଇ ଏହି ଶିବିର ଫେବୃଆରୀ ୧୭ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଏହି ଅନୁଶାସନ ମିଶ୍ରିତ ବହୁମୁଖୀ ଶିକ୍ଷା ପ୍ରଣାଳୀ ଯୁକ୍ତ ପ୍ରଶିକ୍ଷଣ ଶିବିର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଏହି ଶିବିର ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଶ୍ରେଷ୍ଠ ଗବେଷକ ଭାବେ ପରିଚିତ କରାଇବ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ, ଉପକରଣ ପରିଚୟ, ବୈଜ୍ଞାନିକ ଆଲୋଚନା ଏବଂ ଜ୍ଞାନ ବିନିମୟ ରହିଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ୫୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ବିଭାଗର ସ୍ନାତକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ନିଜର ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରଶିକ୍ଷଣ ଶିବିରରେ ସଂପାଦିତ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଡ. ପୂନମ କୁମାରୀ ମଞ୍ଚ ସଞ୍ଚାଳନା କରିଥିଲେ। ଡ. ରାଜୀବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଆରମ୍ଭ ହେଲା ଭାଗବତ ପାରାୟଣ

ବାହାନଗା,୨।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଧୀନ ନୂଆପୁର ଗ୍ରାମରେ ଶନିବାରଠାରୁ ହରିହଟ ରେ ଭାଗବତ ପାରାୟଣ ଆରମ୍ଭ ହୋଇଛି। ଏହା ସପ୍ତାହ ବ୍ୟାପି ସପ୍ତାଙ୍ଗ ଭାଗବତ ପାରାୟଣ ବା ହରିହାଟ ଉତ୍ସବ ଅନୁଷ୍ଠିତ ହେବ। ଗ୍ରାମର ଏହି ପୁରାତନ ଉତ୍ସବରେ ସାତଦିନ ବ୍ୟାପି ଭାଗବତ ପରାୟଣ ସହିତ ସନାତନ ଧର୍ମ ବିଷୟରେ ଉପସ୍ଥିତ ଶ୍ରୋତାମାନଙ୍କୁ ଉପଦେଶ ଦିଆଯିବା କାର୍ଯ୍ୟକ୍ରମ ରହିଛି। ୧୯୬୨ରେ ଏହି ଅନୁଷ୍ଠାନକୁ ସ୍ୱର୍ଗତ ଗୁରୁପ୍ରସାଦ ମହାଜନ, ଗ୍ରାମର ନାଗେନ୍ଦ୍ର ବିଶ୍ୱାଳ, ଦୟାନିଧି ମହାନ୍ତି, ଉଦୟ ନାରାୟଣ ଦାସ, ରାମଚନ୍ଦ୍ର ମହାରଣା, ମଦନ ମୋହନ ଦାସ, ରତ୍ନାକର ଦାସ, ଶ୍ରୀଧର ସାହୁ, ରଘୁନାଥ ଦାସ ପ୍ରମୁଖ ଆରମ୍ଭ କରିଥିଲେ। ଶନିବାର ଏହି ଅନୁଷ୍ଠାନ ୬୨ ବର୍ଷରେ ପଦାର୍ପଣ କରଛି। ପୂର୍ବାହ୍ନରେ ଗ୍ରାମର ଅଭିରାମ ଦାଶ ମହାପାତ୍ର ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଆସନ୍ତା ୭ତାରିଖରେ ଉତ୍ସବ ଉଦ୍‌ଯାପନ ସହ ନଗର କୀର୍ତ୍ତନ ହେବ। ଉତ୍ସବ ଅୟୋଜନରେ ଗ୍ରାମର ଜୟନ୍ତ କୁମାର ମହାନ୍ତି, ବସନ୍ତ କୁମାର ମହାନ୍ତି, ସୁଧାକର ବିଶ୍ୱାଳ, ଡମ୍ବରୁଧର ବିଶ୍ୱାଳ, ସୁଶାନ୍ତ କୁମାର ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ଗୟାଧର ମହାପାତ୍ର, ଜଗନ୍ନାଥ ମହାପାତ୍ର, ମହେଶ୍ୱର ବେହେରା, ହରିଶ୍ଚନ୍ଦ୍ର ବେହେରା, ବସନ୍ତ କୁମାର ଦାସ ଓ ଦିଲ୍ଲୀ ଇସ୍କନର ସାଧୁ ଜଗନ୍ନାଥ ପ୍ରଭୁ ପ୍ରମୁଖ ସହଯୋଗ କରୁଛନ୍ତି।


ଭାଗବତ ପାରାୟଣ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ।

## ବିଧାୟକଙ୍କ ଦ୍ୱାରା ୩ ପ୍ରକଳ୍ପର ଶିଳାନ୍ୟାସ


ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

ବାଲେଶ୍ୱର,୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ପୌରପାଳିକା ଅଞ୍ଚଳରେ ବିଧାୟକ ମାନସ କୁମାର ଦତ୍ତ ୩ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରବିବାର ୨୯ନଂ ୱାର୍ଡ଼ରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମାଧ୍ୟମରେ ସଦର ପଞ୍ଚାୟତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶ୍ରୀକଣ୍ଠପୁର ଶ୍ରୀବିହାରସ୍ଥିତ ସାଇମନ୍ଦିର ପ୍ରସାଦ ସେବନ ଗୃହର ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ସେହିପରି ୨୮ନଂ. ୱାର୍ଡ଼ରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦରଜୀପୋଖରୀ କାଳୀ ମଣ୍ଡପର ଉନ୍ନତିକରଣ ଏବଂ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାନୀୟ ଆଦିବାସୀଙ୍କ ଜାହିରା ପୀଠର ପୁନଃରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏହି ତିନି ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜନ କୁମାର ଦାସ, ସସ୍ମିତା ଦାସ, ଅନାଦି ସାହୁ, ଅଟଳ ବିହାରୀ ଦାସ, ୨୮ନଂ ୱାର୍ଡ କାଉନସିଲର ଗୌରୀ ଦାଶ, ଗଙ୍ଗାଧର ରାଉତ, ସର୍ବେଶ୍ୱର ପାତ୍ର, ପୂର୍ବତନ କାଉନସିଲର ଜୟ ପ୍ରକାଶ ଦାଶ, ଧୀରଜ ମହାନ୍ତି, ଦୁର୍ଗା ବେହେରା, ସୌଭାଗ୍ୟ ମାନସ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ସସ୍ମିତା ଶୁକ୍ଳା, ଗୋଲକ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ସିଂ, ବିବେକାନନ୍ଦ ରାଉତ, ଦୀପକ ମହାନ୍ତି, ପ୍ରଭାତ ସାହୁ, ରାମଦାସ ମାଝୀ, ଜିତା ମାଝୀ, ପ୍ରକାଶ ମହାନ୍ତି, ରବୀନ୍ଦ୍ର ବାରିକ, ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ

### ଅନିଶ୍ଚିତତାରେ ଦିବ୍ୟାଙ୍ଗଙ୍କ ଭବିଷ୍ୟତ

କାଳିପଦା,୨।୩(ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଗତ ଜାନୁଆରୀ ୧୦ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବାଲିଆପାଳ ବ୍ଲକ ସମେତ ବସ୍ତା, ଭୋଗରାଇ, ଜଳେଶ୍ୱର ପ୍ରଭୃତି ବ୍ଲକ ଅଞ୍ଚଳରୁ ଶତାଧିକ ସଂଖ୍ୟାରେ ଦିବ୍ୟାଗମାନେ ନୂତନ ସାର୍ଟିଫିକେଟ ଏବଂ ହାତ ଲେଖା ସାର୍ଟିଫିକେଟକୁ ଅନଲାଇନ ମାଧ୍ୟମରେ କରିବା ପାଇଁ ଆସି ନିଜର ନାମ ପଞ୍ଜୀକୃତ କରିଥିଲେ। ଅତ୍ୟଧିକ ଭିଡ଼ ଫଳରେ ଦିବ୍ରଶଙ୍ଗମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ନୂଆ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଆସିଥିବା ଦିବ୍ୟାଙ୍ଗଙ୍କୁ ଘରକୁ ଫେରିଯିବା ପାଇଁ ସୂଚନା ଦିଆଯାଇଥିଲା। ୧୫ ଦିନ ମଧ୍ୟରେ ପୁନର୍ବାର ଏକ ଶିବିର ପାଇଁ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଥିଲା। ମାତ୍ର ୪୫ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

ଜାନୁଆରୀ ୧୦ ତାରିଖ ଶିବିରରେ ୨୫୦୦ ଜଣ ଦିବ୍ୟାଙ୍ଗଙ୍କର ପଞ୍ଜୀକୃତ ହୋଇଥିବା ବେଳେ ୬୩୭ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ଅବଶିଷ୍ଟ ଦିବ୍ୟାଙ୍ଗଙ୍କୁ ବାଲେଶ୍ୱର ହେଡକ୍ୱାଟର୍‌କୁ ରେଫର କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ସରକାର ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ବିଭିନ୍ନ ସୁବିଧା କରୁଛନ୍ତି। ମାତ୍ର ବାଲିଆପାଳ ବ୍ଲକରେ ଦିବ୍ୟାଙ୍ଗଙ୍କ ପାଇଁ ଭତ୍ତା ପାଇବା ଏକ ପ୍ରହସନ ହୋଇପଡ଼ିଛି। ଏହା ବ୍ୟତୀତ ହାତଲେଖା ଥିବା ପ୍ରମାଣ ପତ୍ର ଦ୍ୱାରା ପାଉଥିବା ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବନ୍ଦ ନ କରି ୬ ମାସ ପର୍ଯ୍ୟନ୍ତ ଭତ୍ତା ଯୋଗାଇ ଦିଆଯିବା ସହିତ ତୁରନ୍ତ ଏକ ଶିବିର ଆୟୋଜନ କରି ନୂତନ ଏବଂ ହାତଲେଖା ପ୍ରମାଣ ପତ୍ରକୁ ନବୀକରଣ କରିବା ପାଇଁ ରବିରଞ୍ଜନ ତ୍ରିପାଠୀ, ଝରଣା ରାଉତ, ବାସନ୍ତୀ ଜେନା, ରବିନ୍ଦ୍ର ପାତ୍ର, ହରେକୃଷ୍ଣ ମଲ୍ଲିକ, ପୂର୍ଣ୍ଣିମା ଗିରି,ସୁଚିତ୍ରା ବେହୁରି, ଉଜ୍ଜ୍ୱଳା ଦାସ, ଲିଲି ବେହୁରି, ବିକ୍ରମ ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି।

## ଭଞ୍ଜସେନାର ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

ବାରିପଦା,୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାଠାରେ ଭଞ୍ଜସେନାର ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନୂତନ ଓ ପୁରାତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ମୟୂରଭଞ୍ଜ ଜିଲାର ହକ୍ ପାଇଁ ଆଗାମୀ ଦିନର କାର୍ଯ୍ୟଶୈଳୀ ତଥା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ କର୍ମକର୍ତ୍ତା କାନ୍ଧକୁ କାନ୍ଧ ମିଶାଇ ଜିଲାର ସ୍ୱାର୍ଥ ପାଇଁ ସଂଗ୍ରାମରେ ସାମିଲ ହେବେ ବୋଲି ଶପଥ ଗ୍ରହଣ କରିଥିଲେ। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସତ୍ୟସ୍ୱରୂପ ଦାଶ, ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ପିଣ୍ଟୁ ମାଇତି, ରାକେଶ ବେହେରା, ବାଜୁନ ହାଁସଦା, ସାମନ୍ତ ଶେଖର ପାଲ, ରବୀନ ମହାନ୍ତି, ସନ୍ତୋଷ ଗିରି, ପରିତୋଷ ବାରିକ, ରମଜାନ ବେଗ, ଲକ୍ଷ୍ମୀଧର ସାହୁ, ସୁନ୍ଦର ମୋହନ ଟୁଡୁ, ରାକେଶ ମହାନ୍ତି, ଜ୍ୟୋତିରଞ୍ଜନ ପୃଷ୍ଟି, ରାକେଶ ପଣ୍ଡା, ମାନସ ବେହେରା, ଏସ୍. କେ ରାଜାଖାନ, ଗଣେଶ ମହାନ୍ତି, ଭାଗବତ ହେମ୍ବ୍ରମ, ପ୍ରଶାନ୍ତ ଦାସ, ଗୌରାଙ୍ଗ ଘଡ଼େଇ, ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ, ଦିପେସ ଅଗ୍ରୱାଲ, ଲଲାଟ କେଶରୀ ରାଉତ ପ୍ରମୁଖଙ୍କ ସମେତ ଜିଲାରୁ ପ୍ରାୟ ୨ଶହ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଜିଲାର ହକ୍ ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ସମୂହ ମତପ୍ରକାଶ କରିଥିବା ମୁଖପାତ୍ର ମାନସ ବେହେରା ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।


ସମ୍ମିଳନୀରେ ଭଞ୍ଜସେନାର କର୍ମକର୍ତ୍ତା।

## ସମ୍ବର୍ଦ୍ଧନା ସାଙ୍ଗକୁ ନାଚଗୀତରେ ଜମିବ ଖଇରା ଦୁର୍ଗାମଣ୍ଡପ

### ୮ରୁ ପ୍ରତିଭା ମହୋତ୍ସବ

ଖଇରା,୨।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗତ ୨୩ ବର୍ଷଧରି ପ୍ରତିଭା ପୂଜାକୁ ମୂଳମନ୍ତ୍ର ଭାବେ ଗ୍ରହଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରତିଭା ପରିବାରର ୨୩ତମ ବାର୍ଷିକୋତ୍ସବ ମାର୍ଚ୍ଚ ୮ ଓ ୯ ତାରିଖ ୨ଦିନ ଧରି ଖଇରା ଦୁର୍ଗାମଣ୍ଡପରେ ଅନୁଷ୍ଠିତ ହେବ। ଜୋନସ୍ତରୀୟ ପ୍ରତିଯୋଗିତା ଏବଂ ଜୁନିୟର, ସବଜୁନିୟର ଏବଂ ସିନିୟରସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ନୃତ୍ୟଗୀତର ଯାଦୁ ଦେଖାଇବେ। ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ୨୫ ବ୍ୟକ୍ତିବିଶେଷ ଓ ସଙ୍ଗଠନକୁ ୨ଦିନ ଧରି ସମ୍ବର୍ଦ୍ଧିତ କରାଯିବ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହେବ। ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଧାୟକ, ଏମ୍‌ପି, ମନ୍ତ୍ରୀ, ବାଗ୍ମୀ ଏଥିରେ ଯୋଗଦେବେ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀର ସଂଗଠନର କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି। ପ୍ରତିଭା ପରିବାରର ସଭାପତି ବସନ୍ତ କୁମାର ଖିଲାରଙ୍କ ସଭାପତିତ୍ୱରେ ଖଇରା ଶିକ୍ଷକ ଭବନ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ରଘୁନାଥ ପତ୍ରୀ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ମୁକ୍ତିକାନ୍ତ ଶତପଥୀ, ଡା ହରେକୃଷ୍ଣ ରାଉତ, ଯୁଗ୍ମ ସମ୍ପାଦକ ନାରାୟଣ ପେଡ଼ା, ପୂର୍ବତନ ସଭାପତି ସନାତନ ବେହେରା, ପୂର୍ବତନ ସମ୍ପାଦକ ବିମନ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମ କିଭଳି ତୃଟିଶୂନ୍ୟ କରାଯାଇପାରିବ ସେ ବିଷୟରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପ୍ରତିଭା ପରିବାରର କାର୍ଯ୍ୟକର୍ତ୍ତାମାନେ।

## ୧୯ ବାଲି ବୋଝେଇ ଗାଡ଼ି ଜବତ

ସୋର,୨।୩(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ପ୍ରଶାସନ ବେଆଇନ ବାଲି ବାଝେଇ ୧୯ଟି ଗାଡି ଜବତ କରିଛି। ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ଓ ସୋର ଅତିରିକ୍ତ ତହସିଲଦାର ଓ ପୋଲିସ ରାତି ଅଧିଆ ଚଢ଼ାଉ କରି ୧୬ନଂ, ଜାତୀୟ ରାଜପଥ ସୋର କଲେଜ ଛକ ନିକଟ ଓଡ଼ିଶା ଢ଼ାବା ସମ୍ମୁଖରୁ ଏହି ହାଇୱା ଗାଡି ଜବତ କରିଛନ୍ତି। ବାଲି ବୋଝେଇ ଗାଡିଗୁଡ଼ିକ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବିଳମ୍ବିତ ରାତିରେ ଏହି ଚଢ଼ାଉ କରାଯାଇଥିଲା। ଫାଇନ ଆଦାୟ ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**ଗରମ ପେଜ ପଡି ଜଣେ ଗୁରୁତର**

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ୧୬ ନମ୍ବର ୱାର୍ଡରେ ଭାତ ହାଣ୍ଡି ପଡି ଯିବାରୁ ଗରମ ପେଜରେ ପୋଡ଼ି ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ସାହିର କାଳିଆ ଅମାନ୍ତ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।



**କେନ୍ଦୁଝର**

# ଟଙ୍କା ନେବା ଅଡ଼ିଓ ଭାଇରାଲ ଘଟଣା: ଫରେଷ୍ଟରଙ୍କ ବଦଳି

ପାଟଣା,୨।୩
(ବିର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ପୂର୍ବତନ ଫରେଷ୍ଟର ତଥା ଚମ୍ପୁଆ ଫରେଷ୍ଟର ସୁନିତା ବାଘେଲ କାଠ ବ୍ୟବସାୟୀଙ୍କଠାରୁ ଟଙ୍କା ନେବା ଘଟଣାର ଅଡ଼ିଓ ଭାଇରାଲ ପରେ ତାଙ୍କୁ ବଦଳି ହୋଇଛି। ପାଟଣା ରେଞ୍ଜରେ କାର୍ଯ୍ୟରତ ପାରାଷ୍ଟାଫ୍ ଏମ୍‌ଡି ୱାସିମଙ୍କ ଫୋନ ପେ ମାଧ୍ୟମରେ ଲାଞ୍ଚ ବିଭିନ୍ନ କିସ୍ତିରେ ମୋଟ ୪୨ ହଜାର ଟଙ୍କା ନେଇ କାଠ ବୋଝେଇ ଗାଡ଼ି ଛାଡୁଥିବାର ଅଡିଓ ଭାଇରାଲ ହୋଇଥିଲା। ଘଟଣାରେ ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଧେର ସୁନିତାଙ୍କୁ କେନ୍ଦୁଝର ମୁଖ୍ୟାଳୟରେ ଅବସ୍ଥାପିତ କରିଛନ୍ତି। ଡିଏଫ୍‌ଓ ଧନରାଜ୍ କହିଛନ୍ତି, ଘଟଣା ନଜରକୁ ଆସିବା ପରେ ଫରେଷ୍ଟରଙ୍କୁ ହେଡ୍ କ୍ୱାର୍ଟରରେ ଅଟାଚ କରି ତଦନ୍ତ କରାଯାଉଛି। ପାରାଷ୍ଟାଫଙ୍କ ଲିଙ୍କ ସ୍ପଷ୍ଟ ହେଲେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିପଦସଙ୍କୁଳ କେନ୍ଦୁଝର ସହର ରାସ୍ତା

କେନ୍ଦୁଝର,୨।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

■ଜେଲ ରୋଡ ରାସ୍ତାରେ ଟ୍ରାଫିକ ସମସ୍ୟା ଜଟିଳ
■ଖାଲଖମାରେ ଭର୍ତ୍ତି, ବିଭାଗ ଶୁଣୁନି

କେନ୍ଦୁଝର ଜିଲା ସଦର ମହକୁମାର ଗୁରୁତ୍ୱପୂର୍ଣ୍ଣ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକା, ପୂର୍ତ୍ତ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣର ଅଭାବ ଏବଂ ମରାମତି କରାଯାଇ ନ ଥିବାରୁ ରାସ୍ତା ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜେଲ ରୋଡ ରାସ୍ତାକଡ଼ରେ ପନିପରିବା ବଜାର ବସୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ୁଛି।
ସୂଚନାଯୋଗ୍ୟ, ସହର ମଧ୍ୟରେ ଅଧିକାଂଶ ମୁଖ୍ୟରାସ୍ତ ଭୂତଳ କେବୁଲ, ଗ୍ୟାସ ପାଇପ ଲାଇନ ଏବଂ ପାଣି ପାଇପ୍‌ଲାଇନ ବିଛା କାକ ପାଇଁ ଖରାପ ହୋଇଯାଇଛି। ବିଶେଷକରି ଚର୍ଚ୍ଚ ଛକଠାରୁ ଜେଲ ସମ୍ମୁଖ ଦେଇ ଧରଣୀଧର ଛକ କେନ୍ଦୁଝର ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଅନେକ ସ୍ଥାନରେ


ଜେଲ ରୋଡ୍ ରାସ୍ତା।

ରକ୍ଷଣାବେକ୍ଷଣ ଅଭାବରୁ ପିଚୁ, କଂକ୍ରିଟ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ଏଥି ସହିତ ପ୍ରତ୍ୟେହ ଭାରିଯାନ ଚଳାଚଳ ଯୋଗୁ ରାସ୍ତାର ମଝିରେ ଗର୍ତ୍ତ ହୋଇଯାଇଛି। ରାସ୍ତା ଦେଇ ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସ ଲାଇନ୍‌ର ସଂଯୋଗୀ ରାସ୍ତାରାସ୍ତ ପୁରୁଣା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ବଳଦେବଜୀଉ ମନ୍ଦିର, ପର୍ଯ୍ୟଟନସ୍ଥଳୀ ସାନ ଘାଗରା, ବଡ଼ ଘାଗରା, ସିଦ୍ଧମଠ, ସ୍ୱର୍ଣ୍ଣପ୍ରଭା ପାଠାଗାର ନିକଟସ୍ଥ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପୁରୁଣା ବଜାର ତଥା ବସ୍ ଟର୍ମିନାଲକୁ ଲୋକ ଯିବାଆସିବା କରିଥାନ୍ତି। ସେହିପରି ଟ୍ରକ୍‌ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ରାଜପଥ ବିଶେଷ କରି ବସ୍ ଟର୍ମିନାଲ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇଯାଇଛି। ଏହା ବ୍ୟତୀତ ବ୍ଲଡ଼୍‌ବ୍ୟାଙ୍କ ସମ୍ମୁଖରେ ଡାକ୍ତରଖାନାକୁ ଯିବା ରାସ୍ତାରେ ସାମନ୍ତରାୟପୁର ଶାସନ ଭିତରକୁ ଯିବା ଛକରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଲୋକମାନେ ପୂର୍ତ୍ତ ବିଭାଗକୁ ହମ୍ପସ ନିର୍ମାଣ ପାଇଁ ଅଭିଯୋଗ କଲେ ମଧ୍ୟ ବିଭାଗ ଶୁଣୁନାହିଁ ବୋଲି ଅଧିବାସୀ ଅଜୟ କୁମାର ମିଶ୍ର କହିଛନ୍ତି। ଜେଲ ରୋଡ୍ ରାସ୍ତାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ପେଭର ବ୍ଲକ୍ ପକାଯାଇଥିଲା। ଉକ୍ତ ସ୍ଥାନ ପରିବା ଓ ମାଛ ବଜାରରେ ପରିଣତ ହୋଇଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସସ୍ମିତ ମହାନ୍ତି କହିଛନ୍ତି, ସମସ୍ୟା ସହ ସେ ଅବଗତ ଅଛନ୍ତି। ଜରୁରିକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରାଯିବ। ଏସ୍‌ଡିଓ ରାକେଶ ଟପୋ କହିଛନ୍ତି, ରାସ୍ତା ଅବସ୍ଥା ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

କେନ୍ଦୁଝର,୨।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ବିଟ ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ତୁଳସୀପୁର ଗ୍ରାମର ବନମାଳୀ ମହାନ୍ତ(୫୮)। ପ୍ରକାଶ ଯେ, ତୁଳସୀପୁର ଗ୍ରାମର ଜଣେ ୫୫ ବର୍ଷୀୟା ମହିଳାଙ୍କୁ ବନମାଳୀ ଗତ ୨୩ ତାରିଖ ଅପରାହ୍ନ ୧ଟା ।ରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କେସ ଏକ ମାମଲା(ନଂ. ୮୭/୨୫ ଦଫା ୩୩୧ବି ୬୪(୨)(କେ)୩୫୧(୨) ବିଏନ୍‌ଏସ୍) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଏସ୍‌ଆଇ ସୂର୍ଯ୍ୟନାରାୟଣ ରାଉତରାୟ କହିଛନ୍ତି।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲଚେୟାର ଦିବସ


ଦିବ୍ୟାଙ୍ଗମାନେ ହ୍ୱିଲଚେୟାର ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦୁଝର,୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ କେନ୍ଦୁଝର ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ନ୍ତର୍ଜାତୀୟ ହ୍ୱିଲଚେୟାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏକ ହ୍ୱିଲଚେୟାର ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରଭୁକଲ୍ୟାଣ ଦାସ, ଫିରୋଜ ଖାଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସବିଶେଷ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**ଜୁଆଙ୍ଗଙ୍କ ଦୁର୍ଦ୍ଦଶା ମାମଲା**

କେନ୍ଦୁଝର,୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଏକ ମାମଲାର ବିଚାର କରି ପୁରାତନ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ବିଭିନ୍ନ ପ୍ରସଙ୍ଗ ଉପରେ କେନ୍ଦୁଝର ଜିଲାପାଳଙ୍କ ନିକଟରୁ ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଲୋଡ଼ିଛନ୍ତି। ଏ ନେଇ କମିଶନଙ୍କ ପର୍ଯ୍ୟବେକ୍ଷଣ ପାଇଁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ମାନବାଧିକାର କର୍ମୀ ଏବଂ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ହୋଇଥିବା ଆବେଦନର ଶୁଣାଣି କରି ଏନ୍‌ଏଚ୍‌ଆରସ ଫେବୃଆରୀ ୨୮ ଶୁକ୍ରବାର ଏପରି ନିର୍ଦ୍ଦେଶ ଦେଇଛନ୍ତି।
ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଉଦାସୀନତା, ଅବହେଳା, ବିଫଳତା ଯୋଗୁ କେନ୍ଦୁଝରର ଗ୍ରାମବାସୀ, ବିଶେଷକରି ଜୁଆଙ୍ଗ ସମ୍ପ୍ରଦାୟ ବହୁ ଅସୁବିଧା ଭୋଗୁଛନ୍ତି। ଜୁଆଙ୍ଗ ଲୋକେ ବସବାସ କରୁଥିବା ଅଞ୍ଚଳକୁ ରାସ୍ତା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ଅଭାବ ଲାଗି ରହିଛି, ଫଳରେ ସେମାନଙ୍କ ମାନବାଧିକାର ଉଲ୍ଲଂଘନ ହେଉଛି। ସମସ୍ୟା ବାସିନ୍ଦାଙ୍କୁ ରୋଗୀ ପରିବହନ ପାଇଁ ଖଟିଆ ବ୍ୟବହାର କରିବାକୁ ବାଧ୍ୟ କରୁଛି। ଓଡ଼ିଶାରେ ମିଳୁଥିବା ମୋଟ ୬୨ ଜନଜାତି ମଧ୍ୟରୁ ରାଜ୍ୟର ୧୩ଟି ଆଦିମ ଆଦିବାସୀ ଗୋଷ୍ଠୀ ମଧ୍ୟରୁ ଜୁଆଙ୍ଗ ଅନ୍ୟତମ। ମୁଖ୍ୟତଃ କେନ୍ଦୁଝର ଜିଲାର ବଂଶପାଳ ବ୍ଲକ୍‌ର ଗୋନାସିକା ପାହାଡ଼ ଅଞ୍ଚଳରେ ଏହି ଜନଜାତି ବାସ କରୁଛନ୍ତି। ଜିଲାରେ ଖଣିଜ ପ୍ରତିଷ୍ଠାନ ପାଣ୍ଠି ଥିବା ସତ୍ତ୍ୱେ, ସେମାନଙ୍କ ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଛନ୍ତି। ଆବେଦନକାରୀ ୧୧୪ ଗାଁରେ ବାସ କରୁଥିବା ଜୁଆଙ୍ଗ ଜନଜାତିଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରିଥିଲେ ଏବଂ ମୌଳିକ ସୁବିଧା ସମସ୍ୟାର ବିବରଣୀ ଦେଇଥିଲେ। ସ୍ୱାସ୍ଥ୍ୟସେବା ସୁବିଧାର ଅଭାବ ଯୋଗୁ ଜନ୍ତାରୀ ଗାଁରେ ୩୫ ବର୍ଷୀୟା ସୁନିଆ ଜୁଆଙ୍ଗା, ତାଙ୍କ ସ୍ତ୍ରୀ ରଶ୍ମି (୩୦) ଏବଂ ସେମାନଙ୍କର ୬ ମାସର ଝିଅ ନାନିଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଥିଲା। ନିକଟତମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧୫ କି.ମି. ଏବଂ ବ୍ଲକ୍ ମୁଖ୍ୟାଳୟ ପ୍ରାୟ ୪୦ କି.ମି. ଦୂରରେ ଅବସ୍ଥିତ। ଜୁଆଙ୍ଗା ସମ୍ପ୍ରଦାୟର ଲୋକଙ୍କ ନାବାଳକ ଅନାଥ କିମ୍ବା ବାଲ୍ୟବିବାହର କୌଣସି ଡାଟାବେସ ନାହିଁ। ଏହି ପ୍ରସଙ୍ଗରେ କାର୍ଯ୍ୟ କରିବାରେ ରାଜ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ବିଫଳତା ଜିଲାରେ ବାସ କରୁଥିବା ଜୁଆଙ୍ଗାଙ୍କ ମାନବାଧିକାରର ଏକ ଗମ୍ଭୀର ପ୍ରଶ୍ନ ପ୍ରମାଣିତ କରୁଛି ବୋଲି ଆବେଦନକାରୀ ତ୍ରିପାଠୀ ଉଲ୍ଲେଖ କରିଛନ୍ତି।

# ୫ ନମ୍ବର ୱାର୍ଡ ପାର୍କ ବନ୍ଦ


ଉଜୁଡ଼ିଯାଇଥିବା ପାର୍କ।

ଚମ୍ପୁଆ,୨।୩(ମହେଶ୍ୱର ଦାସ)

■ସରଞ୍ଜାମ ଖୋଲିନେଲେ
■ପାଣିରେ ପଡ଼ିଲା ୪୦ ଲକ୍ଷ

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନରେ କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ୫ ନମ୍ବର ୱାର୍ଡରେ ଜନସାଧାରଣଙ୍କ ନିମନ୍ତେ ନିର୍ମିତ ପାର୍କ ଏକ ପ୍ରକାର ବନ୍ଦ ହୋଇଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପାର୍କର ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ଜିମ୍ ସରଞ୍ଜାମ ଖୋଲି ଦିଆଯାଇଛି। ପ୍ରଶାସନର ଆନ୍ତରିକତା ଅଭାବରୁ ୪୦ ଲକ୍ଷରେ ନିର୍ମିତ ପାର୍କ ମାତ୍ର ୨ ବର୍ଷରେ ବନ୍ଦହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।
ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନରେ ଏନ୍‌ଏସି ୫ନମ୍ବର ୱାର୍ଡରେ ଜନସାଧାରଣଙ୍କ ନିମନ୍ତେ ପାର୍କ ନିର୍ମାଣ ହୋଇଥିଲା। ଆର୍ଥିକ ବର୍ଷ ୨୦୨୨ରେ ଅଲିନଗର ଓ ଗୋଧୂଳୀ ସୀମାରେ ୧୦ଲକ୍ଷ ଟଙ୍କାର ପାଚେରି ନିର୍ମାଣ କରାଯିବା ସହ ଆନୁଷଙ୍ଗିକ ଉପକରଣକୁ ମିଶାଇ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପାର୍କ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଯାଇଛି। କର୍ମଚାରୀଙ୍କ ଅନୁପସ୍ଥିତିରେ ପାର୍କ ମଧ୍ୟରେ ଆନୁଷଙ୍ଗିକ ବ୍ୟବସ୍ଥା ଉଜୁଡ଼ିଯାଇଥିବା ସହିତ ପାଣି ଟ୍ୟାପ୍, ଏପରିକି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସିମେଣ୍ଟ ବେଞ୍ଚ ଭାଙ୍ଗି ଯାଇଛି। ୱାର୍ଡବାସୀଙ୍କ ଆମୋଦ ପ୍ରମୋଦ ସହିତ ଜିମ୍‌ର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ପ୍ରତି ବଦଳରେ ଏନ୍‌ଏସି ପକ୍ଷରୁ ଉକ୍ତ ପାର୍କରେ ଲାଗିଥିବା ବିଭିନ୍ନ ଜିମ୍ ସରଞ୍ଜାମ ଖୋଲି ନିଆଯାଇଛି। କାର୍ଯ୍ୟକ୍ଷମ ହେବାର ବର୍ଷେ ନ ପୂରୁଣୁ ବନ୍ଦ କରାଯିବା ୱାର୍ଡବାସୀଙ୍କୁ ବିଚଳିତ କରିଛି। ବହୁ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଭବିଷ୍ୟତରେ ଏଠାରେ ଚାରାରୋପଣ କରାଯିବ ବୋଲି ସିଟି ମ୍ୟାନେଜର ଅନନ୍ତ ଚରଣ ସାହୁ ସୂଚନା ଦେଇଛନ୍ତି।

# 'ସାହିତ୍ୟ ଦୁନିଆର ଦର୍ପଣ'

ଛେନାପଦି,୨।୩(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶିବ ନାରାୟଣ ସାହିତ୍ୟ ସଂସଦ ଇଞ୍ଜୋଳର ଏକାଦଶତମ ବାର୍ଷିକୋତ୍ସବ ଇଞ୍ଜୋଳ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୃସିଂହ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦାନ କରି ସମାଜରେ ସାହିତ୍ୟ ହିଁ ସମ୍ପର୍କର ସେତୁବନ୍ଧ। ସାହିତ୍ୟ ଦୁନିଆର ଦର୍ପଣ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ପତ୍ରକାର ଚନ୍ଦନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବ୍ରଜ କିଶୋର ରାଉତ, ରାହାସ ବିହାରୀ ବେହେରା, କାର୍ତ୍ତିକେଶର ମଲ୍ଲିକ, ଦାମୋଦର ମହାନ୍ତି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ମୁରଲୀଧର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ୬ ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିମାନେ ପୁସ୍ତକ ଦେଖାଉଛନ୍ତି।

# ମା' ମଙ୍ଗଳା ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଆନନ୍ଦପୁର,୨।୩(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ମଙ୍ଗଳା ଚାରିଟେବୁଲୁ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ପଢ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ହରିହର ଓଝାଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ବୟନ ତଥା ହସ୍ତଶିଳ୍ପ ବିଭାଗର ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସମ୍ମାନିତ ଅତିଥିଭାବେ ଘଷିପୁରା ଥାନା ଅଧିକାରୀ ମାନସ କୁମାର ବାରିକ, ମୁଖ୍ୟ ବକ୍ତାଭାବେ ଟୋଲଙ୍କପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ପରିଡ଼ା ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ଆଲୋକ ରଣା, ସାମାଜିକ କର୍ମୀ ଅଭିମନ୍ୟୁ ଦାସ, ଆନନ୍ଦପୁର ଅଗ୍ନିଶମ ବାହିନୀର ମୁଖ୍ୟ ରାଧୁ ଚରଣ ମଲ୍ଲିକ, ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ, ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ଦାସ, ସନ୍ତୋଷ ଜେନା, ଜିଲା ସମାଜସେବୀ ମହାସଂଘର ସଭାପତି ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। । ଶେଷଦେବ ଓଝା ଏବଂ ମୋହନ ଚରଣ ବିନ୍ଧାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ରଞ୍ଜନ ଜେନାଙ୍କ ସଂଯୋଜନା କରିଥିଲେ। ସେବା ସଂଗଠନ, ସାମାଜିକ କର୍ମୀ ଓ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ସମସ୍ତ ସଦସ୍ୟ ସ ସହଯୋଗ କରିଥିଲେ।

# ବିପଦସଙ୍କୁଳ ବାଂଶପାଣି ରେଳ ଓଭରବ୍ରିଜ୍ ତଳ ରାସ୍ତା

ଯୋଡ଼ା,୨।୩(ମାନସ ମହାନ୍ତି)

ପୂର୍ତ୍ତ ବିଭାଗ ଅଧୀନସ୍ଥ ଯୋଡ଼ା–ବାମେବାରି ରାଜ୍ୟ ରାଜପଥର ବାଂଶପାଣି ରେଳ ଓଭର ବ୍ରିଜ୍ ତଳ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ମରାମତି ଅଭାବରୁ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିବା ସହିତ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ପୂର୍ତ୍ତବିଭାଗ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି।
ପ୍ରକାଶ ଯେ, ରାସ୍ତାଟି ଗ୍ରାମାଞ୍ଚଳ ଓ ସହର ସହିତ ସଂଯୋଗ ହୋଇଛି। ଖଣି ଅଞ୍ଚଳର ବ୍ୟସ୍ତ ବହୁଳ ରାସ୍ତା ହୋଇଥିବା ବେଳେ ମରାମତି ଅଭାବରୁ ଓଭର ବ୍ରିଜ ତଳ ରାସ୍ତାର ଦୁଇ ପାର୍ଶ୍ୱର ଶହେ ମିଟର ରାସ୍ତାରେ ଖାଲ ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ଜରାଜୀର୍ଣ୍ଣ ରାସ୍ତା ହେତୁ ଯାନବାହାନ ଚଳାଚଳ ସମୟରେ ଧୂଳି ଉଡୁଛି। ଯିବା ଆସିବା ସମୟରେ ରାସ୍ତା ଦେଖାଯାଉନାହିଁ। ବାରମ୍ବାର ରାସ୍ତା ମରାମତି ଦାବି କଲେ ମଧ୍ୟ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ବଡ଼ବିଲ ଏସ୍‌ଡିଓ ରାମଦାସ ମାରାଣ୍ଡି କହିଛନ୍ତି, ଠିକାଦାରକୁ ଏ ନେଇ ବାରମ୍ବାର ଚିଠି କରାଯାଉ ଥିଲେ ହେଁ, ଏହାର ମରାମତି କରୁ ନ ଥିବା ସେ କହିଛନ୍ତି।


ପୋଲ ନିକଟ ରାସ୍ତାରେ ଧୂଳି ଉଡୁଛି।

# ସରପଞ୍ଚଙ୍କୁ ନେଇ ପୋଲିସ ବୈଠକ

ଛେନାପଦି,୨।୩(ନିରାକାର ପରିଡା)

କେନ୍ଦୁଝର ଜିଲା ନନ୍ଦିପଦା ପୋଲିସର ସ୍ଥାନୀୟ ସରପଞ୍ଚଙ୍କଚ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଭାରେ ଟ୍ରେନିଂ ଇନ୍‌ଚାର୍ଜ ଆଇପିଏସ ରାକେଶ କୁମାର ସାହୁ ଯୋଗଦେଇ ପୋଲିସ ଓ ଜନତା ମଧ୍ୟରେ ସୁସମ୍ପର୍କରକ୍ଷା କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସରପଞ୍ଚମାନେ ନିଜର ମତାମତ ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରୀ

ପାଟଣା,୨।୩(ବୀର କିଶୋର ଦାଶ)

**ପାଟଣାରେ ମେଗା ଷ୍ଟିଲ ପ୍ଲାଣ୍ଟ ହେବ**

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ୪୦ ହଜାର କୋଟି ଟଙ୍କା ଅଟକଳରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ଘୋଷଣା କରିଛନ୍ତି। ଏଥିସହ ପାଟଣା ବ୍ଲକ୍ ଭୀମକୁଣ୍ଡରେ ଜଳ ସେଚନର ସୁବିଧା ପାଇଁ ବ୍ୟାରେଜ ନିର୍ମାଣ ପାଇଁ ବଜେଟରେ ବ୍ୟବସ୍ଥା ହୋଇଥିବା କଥା କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ କୃଷି ଯାନ୍ତ୍ରିକ ମେଳା କହିଥିଲେ। ଘୋଷଣା ପରେ ପାଟଣା ଅଞ୍ଚଳରେ ଖୁସିର ଲହରୀ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ସ୍ୱାଗତ କରିଥିବା ବେଳେ ପ୍ରତିକ୍ରିୟାରେ କହିଛନ୍ତି, ଷ୍ଟିଲ ପ୍ଲାଣ୍ଟ ତ ପାଟଣାରେ ନିଶ୍ଚିତ ହେବ। ସେଥିପାଇଁ ସମସ୍ତଙ୍କ ସହଯୋଗ ଆଶା କରୁଛୁ। ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ଭାରତୀୟ ଜନତା ପାର୍ଟିର ଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହୁଁଛନ୍ତି କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ହେଉ। ବର୍ତ୍ତମାନ ସର୍ଭେ କାମ ଚାଲିଛି। ସର୍ଭେ ସରିଲେ ଲ୍ୟାଣ୍ଡ ଆକ୍ୱିଜେଶନ ଖୁବ୍‌ଶୀଘ୍ର ହେବ। ଏଥିସହ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭା ପତି ରାଧାକାନ୍ତ ମହାନ୍ତ, ପୂର୍ବତନ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଶିଳ୍ପ ପତି ବିବେକାନନ୍ଦ ଦାଶ, ବିଶ ହିନ୍ଦୁ ପରିଷଦ ବିଶେଷ ସମ୍ପର୍କ ପ୍ରମୁଖ ଓଡ଼ିଶା ପୂର୍ବର ମଦନ ମୋହନ ଦ୍ୱିବେଦୀ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ବରିଷ୍ଠ ଭାଜପା ନେତା କମଳାକାନ୍ତ ଦାଶ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶବିର ଦାଶ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକ, ଭାଜପା ନେତା ମହେଶ୍ୱର ପୃଷ୍ଟୀ, ସାମାଜିକ କର୍ମୀ ଅଜୟ ଦାଶ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିଛନ୍ତି।

# ଲକ୍ଷାଧିକ ଅନୁଦାନ ସ୍ୱାହା, ଅଫିସରେ ଦସ୍ତାବିଜ ନାହିଁ

କେନ୍ଦୁଝର/ହାଟଡିହୀ,୨।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

## ଡିଏମ୍‌ଏଫ୍ ଅର୍ଥ ହେରଫେର

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଅଭିଯୋଗ ସମନ୍ୱୟ ପ୍ରକୋଷ୍ଠ(ଗ୍ରିଭାନ୍ସ କୋ-ଅର୍ଡିନେଟର ସେଲ) ପରିଚାଳନା ପାଇଁ କେନ୍ଦୁଝର ଡିଏମ୍‌ଏଫ ଟ୍ରଷ୍ଟ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ଅଫିସରେ ଏ ନେଇ କୌଣସି ଦସ୍ତାବିଜ୍ ନାହିଁ। ମିଳି ଭଗତରେ ଅର୍ଥ ହେରଫେର କରାଯାଉଥିବା ଅଭିଯୋଗ ହେଉଛି।
ସୂଚନା ଅନୁଯାୟୀ, ଓଡ଼ିଶା ସୂଚନା କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଚିଠି (ନଂ. ୪୭୧୭୨/୨୫ ନଭେମ୍ବର ୨୦୨୪)ରେ ଅଭିଯୋଗ ପ୍ରକୋଷ୍ଠ ସଂକ୍ରାନ୍ତୀୟ ଆବଶ୍ୟକ ସୂଚନା ପ୍ରଦାନ ନିମନ୍ତେ କେନ୍ଦୁଝର ଡିଏମ୍‌ଏଫ ଅଫିସକୁ ନିର୍ଦ୍ଦେଶ ହୋଇଥିଲା। ଡିଏମ୍‌ଏଫ୍ ଅଫିସ ତରଫରୁ ଚିଠି (ନଂ. ୨୮୮୩/୧୭ ଡିସେମ୍ବର ୨୦୨୪) ଅନୁସାରେ ଦର୍ଶାଯାଇଛି, ଅର୍ଡର ନଂ. ୧୯୨୫/୫ ସେପ୍ଟେମ୍ବର ୨୦୨୪ରେ ୩ ଲକ୍ଷ ୨୬ ହଜାର ୭୮୧ ଟଙ୍କା ଜିଲା ପରିଷଦ ସିଡ଼ିଓ(ପିଡି,ଡିଆରଡ଼ିଏ)ଙ୍କୁ ମଞ୍ଜୁର ହୋଇଛି। ଉକ୍ତ ଟଙ୍କା ନିୟୋଜିତ କର୍ମଚାରୀ ଏବଂ ଅଫିସ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ବୋଲି ଜିଲା ପରିଷଦ କାର୍ଯ୍ୟାଳୟ ଚିଠି (ନଂ. ୪୬୪୫/୨୭ ଅଗଷ୍ଟ ୨୦୨୪)ରେ ଉଲ୍ଲେଖ ରହିଛି। ଏତଦ୍ ବ୍ୟତୀତ ଅଭିଯୋଗ ପ୍ରକୋଷ୍ଠ ସଂକ୍ରାନ୍ତୀୟ ଅନ୍ୟାନ୍ୟ ବାବଦରେ ଯଥା ପ୍ରକୋଷ୍ଠ ଖୋଲିବା ପାଇଁ ଦିଆଯାଇଥିବା ପ୍ରକଳ୍ପର ପ୍ରସ୍ତାବ, ବ୍ୟୟ ଅଟକଳ ମୂଲ୍ୟ, ଅନୁମୋଦନ, ନିୟୋଜିତ କର୍ମଚାରୀଙ୍କ ସମ୍ପର୍କିତ ଦସ୍ତାବିଜ୍ ଡିଏମ୍‌ଏଫ୍ ଅଫିସରେ ଉପଲବ୍ଧ ନାହିଁ। ତେଣୁ ଡିଏମ୍‌ଏଫ୍ ଚିଠି ନଂ. ୨୮୮୮/୧୭ ଡିସେମ୍ବର ୨୦୨୪ରେ କେନ୍ଦୁଝର ଜିଲା ପରିଷଦକୁ ଅଭିଯୋଗ ପ୍ରକୋଷ୍ଠ ବାବଦରେ ଅନ୍ୟାନ୍ୟ ଆବଶ୍ୟକ ଦସ୍ତାବିଜ ପ୍ରଦାନ ନିମନ୍ତେ ଜଣାଯାଇଥିଲା। କିନ୍ତୁ ୨ମାସ ଅତିକ୍ରମ ହୋଇଥିଲେ ବି ଆବଶ୍ୟକ ଦସ୍ତାବିଜ ଉପଲବ୍ଧ ହୋଇ ପାରିନି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡିଏମ୍‌ଏଫ୍ ଅନୁଦାନରେ ଅଭିଯୋଗ ପ୍ରକୋଷ୍ଠ ପରିଚାଳିତ ହେଉଛି । ଅଥଚ ପ୍ରକୋଷ୍ଠ ସଂକ୍ରାନ୍ତୀୟ ବିଭିନ୍ନ ଦସ୍ତାବିଜ ଡିଏମ୍‌ଏଫ୍ ଅଫିସରେ ନାହିଁ।
ଅନ୍ୟପକ୍ଷେ, ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ କିମ୍ବା ଏକ୍‌ଜିକ୍ୟୁଟିଭ କମିଟି ବୈଠକରେ ଅଭିଯୋଗ ପ୍ରକୋଷ୍ଠ ବାବଦରେ ପ୍ରକଳ୍ପ ପ୍ରସ୍ତାବ ଆଗତ ଏବଂ ଅନୁମୋଦନ ହୋଇନି। ଯାହାକି ଓଡିଏମ୍‌ଏଫ ରୁଲ-୨୦୧୫ର ରୁଲ ୫, ୬ ଏବଂ ୧୧ଏ(୫) ସମ୍ମତ ନୁହେଁ। ସେହିପରି ଡିଏମ୍‌ଏଫ୍ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ଗ୍ରାମସଭା ରିପୋର୍ଟ ସଂକ୍ରାନ୍ତୀୟ ଦସ୍ତାବିଜ ନ ଥିବା ଚିଠି ନଂ. ୨୦୮୩/୧୯ ସେପ୍ଟେମ୍ବର ୨୦୨୪ ଅନୁସାରେ ସ୍ପଷ୍ଟ ହୋଇଛି। ତାହା ମଧ୍ୟ ଓଡ଼ିଏମ୍‌ଏଫ ରୁଲ୍-୨୦୧୫ର ରୁଲ ୧୨ ସମ୍ମତ ନୁହେଁ। ପୂର୍ବତନ ସୋସୋ ପଞ୍ଚାୟତ ସରପଞ୍ଚ ବୈଲୋଚନ ନାୟକ କହିଛନ୍ତି, ସରକାରୀ ନୀତି ନିୟମକୁ ଅନୁସରଣ ନ କରି ସରକାରୀ ବାବୁମାନଙ୍କୁ ନେଇ ଗଠିତ ଏକ ଗୋଷ୍ଠୀ ଜରିଆରେ ରୀତିମତ ଡିଏମ୍‌ଏଫ୍ ଅନୁଦାନ ହେରଫେର କରାଯାଉଛି।

